# ତହସିଲ କାର୍ଯ୍ୟାଳୟ, ମୋହନା (ଗଜପତି)

ପତ୍ରସଂଖ୍ୟା...୧୩୪/...../ସଇରାତ

ତା...୨୮.୦୪.୨୦୨୨

## ସଇରାତ ଉତ୍ସ ଦୀର୍ଘମିଆଦି ଲିଜ ନିମନ୍ତେ ଇସ୍ତାହାର

ଏତ ଦ୍ୱାରା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ସଂପ୍ରତି ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ - ୨୦୧୬ ପ୍ରକାଶ ପରିପ୍ରେକ୍ଷିରେ ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନ ମୋହନା ତହସିଲ ଅନ୍ତର୍ଗତ ନିମ୍ନ ଲିଖିତ ସଇରାତ ଉତ୍ସ (ଲଘୁ ଖଣିଜ ଦ୍ରବ୍ୟ ) ଗୁଡିକର ୨୦୨୨-୨୩ ଠାରୁ ୨୦୨୭-୨୮ ବର୍ଷ ପର୍ଯ୍ୟନ୍ତ ତଥା ସମସ୍ତ ଆଇନଗତ ପ୍ରକ୍ରିୟା ଶେଷ ହେବାପରେ ନିଲାମଧାରୀଙ୍କ ଦ୍ୱାରା ତହସିଲଦାରଙ୍କ ସହ ଚୁକ୍ତି ସ୍ୱାକ୍ଷରିତ ହେବା ଦିନ ଠାରୁ ଠିକ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଦୀର୍ଘ ମିଆଦି ଲିଜ ସୂତ୍ର ରେ ଦିଆଯିବା ସକାଶେ ଦରଖାସ୍ତ ଆହ୍ୱାନ କରାଯାଉଛି । ଇଚ୍ଛୁକ ବ୍ୟକ୍ତି ବିଶେଷ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ- ୨୦୧୬ ପ୍ରକାରେ ଫର୍ମ – (M) ପୂରଣ କରି (୩) ନକଲ ସହ ନିମ୍ନ ଲିଖିତ ଆବଶ୍ୟକ ଦସ୍ତାବିଜ ସଂଲଗ୍ନ କରି ଜଉମୁଦ ଲଫାପାରେ ତହସିଲଦାର ମୋହନଙ୍କ କାର୍ଯ୍ୟାଳୟ ରେ ଥିବା Drop box ରେ ଆସନ୍ତା ତା ୧୦.୦୫.୨୦୨୨ ରିଖ ଠାରୁ ତା ୨୦.୦୫.୨୦୨୨(ଛୁଟି ଦିନ ବ୍ୟତୀତ) ଅପରାହ୍ନ ୫ ଘଣ୍ଟିକା ସମୟ ମଧ୍ୟରେ ପକାଇ ପାରିବେ । ନିର୍ଦ୍ଧାରିତ ସମୟ ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ । ଲଫାପା ଉପରେ ସଇରାତ ଉତ୍ସ ର ନାମ ଏବଂ ସଇରାତ କେସ ସଂଖ୍ୟା ଲେଖିଥିବା ଆବଶ୍ୟକ । ତା ୨୧.୦୫.୨୦୨୨.ରିଖ ପୂର୍ବାହ୍ନ ୧୧ ଘଣ୍ଟିକା ସମୟରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କର ପ୍ରତିନିଧିଙ୍କ ଉପସ୍ଥିତି ରେ ଦରଖାସ୍ତ ତନଖି କରାଯିବ । ଅସମ୍ପୂର୍ଣ୍ଣ ଦରଖାସ୍ତ ଗୁଡିକ ଖାରଜ କରାଯିବ । କୌଣସି କାରଣ ନ ଦର୍ଶାଇ ନିଲାମ ସ୍ଥଗିତ କିମ୍ବା ରଦ୍ଦ କରିବାର ଅଧିକାର କ୍ଷମତାପ୍ରାପ୍ତ ଅଧିକାରୀ ଓ ଜିଲ୍ଲାପାଳ, ଗଜପତି ଙ୍କ ରହିଅଛି ।

**ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଆବଶ୍ୟକୀୟ ଦସ୍ତାବିଜ :**

୧. ଦରଖାସ୍ତ ପାଉଣା ବାବଦକୁ ଟ. ୧୦୦୦/-ଙ୍କା ର ଟ୍ରେଜେରୀ ଚାଲାଣ (ଅଣ ଫେରସ୍ତ 0853 Nonferrous mining & Metallurgical Industries- 102, mining concession fees, Rents & Royalties)

୨. ସମ୍ପୃକ୍ତ ଲଘୁ ଖଣିଜ ଉତ୍ସ ଜମିର ବିଷଦ ବିବରଣୀ ସହ ସ୍କେଚ ମ୍ୟାପ (Land Schedule and Sketch Map)

୩. ନିର୍ଦ୍ଧାରିତ ବଇନା ଧନ (Earnest Money) ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ସଂଶୋଧିତ ନିୟମାବଳି- ୨୦୧୬ ପ୍ରକାରେ ରୟାଲଟି ଓ ଅତିରିକ୍ତ ଦେୟ ର ୫ % ପଇଠ ସମ୍ବନ୍ଧେ ପ୍ରମାଣ ପତ୍ର In shape of Demand Draft of SBI, Mohana

୪. ସଇରାତ ଉତ୍ସ ବାବଦ କୌଣସି ଅର୍ଥ ବକେୟା ନଥିବା ସମ୍ବନ୍ଧେ ସତ୍ୟପାଠ ।

୫. ଏକ ବର୍ଷ ର ଅଗ୍ରିମ ରୟାଲଟି ଦେୟ ସହ ସମାନ ବା ତତୋଧିକ ମୂଲ୍ୟର Solvency Certificate କିମ୍ବା ୧୮ ମାସ ବୈଧ ଥିବା Bank Guarantee ଏବଂ ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ସ୍ଥାବର ସମ୍ପତ୍ତି ପ୍ରମାଣ ପତ୍ର ।

୬. ସରକାରଙ୍କ ଦ୍ୱାରା ଧାର୍ଯ୍ୟ ରୟାଲଟି ମୂଲ୍ୟ ଏବଂ ସର୍ବ ନିମ୍ନ ଅତିରିକ୍ତ ଦେୟ ତୁଳନାରେ କେତେ ସର୍ବୋଚ୍ଚ ମୂଲ୍ୟର ଅତିରିକ୍ତ ଦେୟ ଦେବାକୁ ଚାହୁଁଛନ୍ତି ତାହା ଉଲ୍ଲେଖ କରିବେ ।

**ବିଶେଷ ସର୍ତ୍ତାବଳୀ :**

୧. ଆବେଦନକାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ସଶୋଧିତ ନିୟମାବଳୀ-୨୦୧୬ OMMC Rule-2016 ଏବଂ Manual of Tahasil Accounts ର ପରିସର ଭୁକ୍ତ ରହିବେ ।

୨. ପ୍ରସ୍ତାବିତ ନିୟମାନୁଯାୟୀ ସର୍ବୋଚ୍ଚ ଓ ସଫଳ ନିଲାମଧାରୀଙ୍କ ଦରଖାସ୍ତ କୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି ଏକାଧିକ ନିଲାମଧାରୀ ସମାନ ମୂଲ୍ୟ ପ୍ରଦାନ କରନ୍ତି ତାହେଲେ ଲଟେରୀ ମାଧ୍ୟମରେ ଲିଜ ଧାରୀ ଚୟନ କରାଯିବ ।

୩. ଲିଜ ଦରଖାସ୍ତକାରୀ ନିଜର ସହମତି ସହ କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଧାର୍ଯ୍ୟ ଅସମାନତ ଅର୍ଥ ନିଲାମ ଚୂଡାନ୍ତ ଦିବସ ର ୧୫ ଦିନ ମଧ୍ୟରେ D.D କିମ୍ବା ନଗଦ ଟଙ୍କା ଆକାରରେ ତହସିଲଦାର ମୋହନାଙ୍କ ନିକଟରେ ଦାଖଲ କରିବେ ।

୪. ଯଦି ନିଲାମଧାରୀ ନିର୍ଦ୍ଧାରିତ ସମୟରେ Mining Plan ଓ ପରିବେଶ ମଞ୍ଜୁରୀ ସମ୍ବନ୍ଧୀୟ କାଗଜାତ ଦାଖଲ କରିପାରନ୍ତି ତେବେ ଉକ୍ତ ଅର୍ଥ କୁ ବ୍ୟାଜ୍ୟାପ୍ତ କରାଯିବ । ଆବଶ୍ୟକ ସ୍ଥଳେ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଆଦେଶ କ୍ରମେ Mining Plan ଓ ପରିବେଶ ମଞ୍ଜୁରୀ ସମ୍ବନ୍ଧୀୟ ଖର୍ଚ୍ଚ ସମ୍ପୃକ୍ତ ନିଲାମଧାରୀ Leaseholder ବହନ କରିବେ ।

୫. ଏକ ବର୍ଷରେ ଉତ୍ତୋଳନ କରାଯାଉଥିବା ସର୍ବ ନିମ୍ନ ଲଘୁଖଣିଜ ଦ୍ରବ୍ୟ ପରିମାଣର Minimum Guaranted Quantity ତଥା ସରକାରଙ୍କ ଦ୍ୱାରା ଧାର୍ଯ୍ୟ ରୟାଲଟି ଓ ଲିଜଧାରୀଙ୍କ ଦ୍ୱାରା ପ୍ରଦତ୍ତ ସର୍ବୋଚ୍ଚ ଅତିରିକ୍ତ ଦେୟ ମୂଲ୍ୟକୁ ଗୁଣନ କରି ଉକ୍ତ ଅର୍ଥକୁ Approved Mining Plan ଏବଂ Environmental Clearance ଆଣି ସାରିବା ପରେ ଚୁକ୍ତି ପତ୍ର ସମ୍ପାଦନ ପୂର୍ବରୁ କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଠାରେ ପଇଠ କରିବେ । ସମ୍ପୃକ୍ତ ରାଶି ପଇଠ ହେଲା ପରେ ଭାରତୀୟ ରେଜିଷ୍ଟ୍ରେସନ ଆକ୍ଟ -୧୯୮୦ ଏବଂ ଓଡିଶା ଷ୍ଟାମ୍ପ ଆକ୍ଟ -୧୮୯୯ ଅନୁଯାୟୀ ଚୁକ୍ତି ପତ୍ର ସମ୍ପାଦନ କରିବେ ।

୬. ଯଦି ସର୍ବୋଚ୍ଚ ଅତିରିକ୍ତ ଦେୟ ମୂଲ୍ୟାଙ୍କ କରିଥିବା ଆବେଦନକାରୀ ସମୟ ସୀମା ମଧ୍ୟରେ ନିଜର ସହମତି ସହ ଅମାନତ ରାଶି ଦାଖଲ କରିବାରେ ଖିଲାପ କରନ୍ତି, ନିୟମାନୁଯାୟୀ ଦ୍ୱିତୀୟ ସର୍ବାଧିକ ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ ।

୭. ଯଦି ଦରଖାସ୍ତକାରୀ ଅତିରିକ୍ତ ଦେୟ ମୂଲ୍ୟ ଠାରୁ କମ ମୂଲ୍ୟ ଉଲ୍ଲେଖ କରିଥାନ୍ତି ତେବେ ଦରଖାସ୍ତ ବିଚାରକୁ ନିଆଯିବ ନାହିଁ ।

୮. ନିଲାମଧାରୀ ମାନେ OMMC Rule-2016 ର ସମସ୍ତ ନିୟମାବଳୀ ମାନିବାକୁ ବାଧ୍ୟ ।

୯. ଲିଜଧାରୀ ଜମା ରୟାଲଟି ୨ % ଅର୍ଥ ଆୟକର TDS ବାବଦକୁ ଚାଲାଣ ଆକାରରେ ଜମା କରିବେ ।

୧୦. ଦରଖାସ୍ତକାରୀ Mines Act-1952 ଏବଂ Explosive Act-1984ର ସମସ୍ତ ନିୟମାବଳୀର ଅନ୍ତର୍ଭୁକ୍ତ ରହିବେ ।

୧୧. ସମ୍ବାଦ ପତ୍ରରେ ବିଜ୍ଞାପନ ପ୍ରକାଶ ପାଇଁ ସମସ୍ତ ଖର୍ଚ୍ଚ ସର୍ବୋଚ୍ଚ ନିଲାମଧାରୀ ବହନ କରିବେ ।

୧୨. ଓଡିଶା ଖଣିଜ ପ୍ରତିଷ୍ଠାନ ପାଣ୍ଠିନିୟମ -୨୦୧୫ ଅନୁଯାୟୀ ନିଲାମଧାରୀ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ର ଅଂଶ ପ୍ରଦାନ କରିବେ । ସଇରାତ ଉସ୍ତ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟ ରେ ସରକାରୀ କାର୍ଯ୍ୟ ଦିବସ ରେ ମିଳିପାରିବେ ଓ ଏହି ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ସର୍ତ୍ତାବଳୀ http://gajapati.nic.in ରେ ମଧ୍ୟ ଉପଲବ୍ଧ ହେବ । ଯଦି ଉକ୍ତ ଇସ୍ତାହାର ରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା ସଂପୂର୍ଣ୍ଣ କର୍ତ୍ତୃପକ୍ଷଙ୍କର ରହିଛି ।

ନିଲାମର ସ୍ଥାନ ଓ ଧାର୍ଯ୍ୟ ତାରିଖ : ତହସିଲ କାର୍ଯ୍ୟାଳୟ, ମୋହନା ତା : ୨୧.୦୫.୨୦୨୨ ରିଖ ପୂର୍ବାହ୍ନ ୧୧ ଘଣ୍ଟିକା ସମୟ । ନିଲାମ ତାରିଖ ଦିନ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧି ଅନୁପସ୍ଥିତ ରହିଲେ ତାଙ୍କର କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ ।

## ସଇରାତ ଉସ୍ତ ଲଘୁ ଖଣିଜ ଦ୍ରବ୍ୟ ର ବିବରଣୀ

| କ୍ର . ନଂ. | ସଇରାତ ଉସ୍ତ କେସ ନଂ . | ସଇରାତ ଉସ୍ତ ର ନାମ | ରାଜସ୍ୱ ମୌଜା ର ନାମ | ଖାତା ନଂ . | ପ୍ଲଟ ନଂ. | ସଇରାତ ଉସ୍ତ ର ରକବା (ହେକ୍ଟର ରେ) | | ଧାର୍ଯ୍ୟ ରୟାଲଟି ମୂଲ୍ୟ | ସର୍ବନିମ୍ନ ଅତିରିକ୍ତ ଦେୟ | ବାର୍ଷିକ ସର୍ବନିମ୍ନ ଉତ୍ତୋଳନ (Cu.M) |
|---|---|---|---|---|---|---|---|---|---|---|
| | | | | | | ପୂର୍ଣ୍ଣ ରକବା | ପ୍ରସ୍ତାବିତ ରକବା | | | |
| ୧. | ୧/୨୦୧୯ | ପଥର ଖାଦାନ | ଅଡବା | ୨୬୦ | ୭୩୩,୭୩୮, ୭୪୧ | ୪୭.୯୫୬ | ୩.୨୦୪ | ଟ.୧୩୦/- | ଟ.୧୧୯/- | ୪୦୦୦ |
| ୨. | ୨/୨୦୧୯ | ବାଲି ଖାଦାନ | ରାଜବସା | ୧୯ | ୦୭ | ୬.୩୨୦ | ୪.୫୩୦ | ଟ.୩୫/- | ଟ.୨୪୪/- | ୨୫୦୦ |
| ୩. | ୪/୨୦୧୮-୧୯ | ବାଲି ଖାଦାନ | କରଡାପଙ୍କାଳ | ୦୭ | ୬୫ | ୬.୦୮୦ | ୪.୨୦୦ | ଟ.୩୫/- | ଟ.୧୦/- | ୨୧୦୦ |

ତହସିଲଦାର, ମୋହନା

ପରିପତ୍ର ସଂଖ୍ୟା ୧୩୪୮/ସଇରାତ    ତାରିଖ ୨୮.୦୪.୨୦୨୨

ଏହାର ଏକକିତା ନକଲ ଜିଲ୍ଲାପାଳ, ଗଜପତି /ଉପ-ଜିଲ୍ଲାପାଳ, ପାରଳାଖେମୁଣ୍ଡି / ଅତିରିକ୍ତ ଜିଲ୍ଲାପାଳ, ଗଜପତି ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ମୋହନା

ପରିପତ୍ର ସଂଖ୍ୟା ୧୩୫୦/ସଇରାତ    ତାରିଖ ୨୮.୦୪.୨୦୨୨

ଏହାର ଏକକିତା ନକଲ ରାଜସ୍ୱ ପରିଦର୍ଶକ, ମୋହନା / ରାଜସ୍ୱ ନିରୀକ୍ଷକ, ଅଡବା ଏବଂ ବିରିକୋଟ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ମୋହନା

ପରିପତ୍ର ସଂଖ୍ୟା ୧୩୫୧/ସଇରାତ    ତାରିଖ ୨୮.୦୪.୨୦୨୨

ଏହାର ଏକକିତା ନକଲ ମୋହନା ତହସିଲ କାର୍ଯ୍ୟାଳୟ ର ବିଜ୍ଞାପନ ଫଳକ ରେ ଲଟକାଇ ଦିଆଗଲା ।

ତହସିଲଦାର, ମୋହନା